# ତାଲାବନ୍ଦ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶାବଳୀର ଅନୁପାଳନ ନିମନ୍ତେ ଜିଲ୍ଲା ପ୍ରଶାସନର ବିଜ୍ଞପ୍ତି ଜାରି ।

(ସଂଧ୍ୟା 7 ରୁ ସକାଳ 5 ପର୍ଯ୍ୟନ୍ତ 144 ଧାରା ଜାରି ରହିବା ସହ ରାତ୍ରୀ କାଳୀନ କର୍ଫ୍ୟୁ ବଳବତ୍ତର)

ନଂ : 227 /Res. ତା.01.06.2020/

କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ, ତାଲାବନ୍ଦକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ରିଲିଫ୍ କମିସନରଙ୍କ ତରଫରୁ ଜାରି ହୋଇଥିବା ନିର୍ଦ୍ଦେଶନାମାର ଅନୁପାଳନ ନିମନ୍ତେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଆଜି ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରିଛନ୍ତି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଚଳିତ ଜୁନ୍ ମାସ 01 ତାରିଖରୁ 30 ତାରିଖ ମଧ୍ୟ ରାତ୍ର ପର୍ଯ୍ୟନ୍ତ ତାଲାବନ୍ଦ ଘୋଷଣା କରାଯାଇଛି ।

ପୂର୍ବ ନିର୍ଦ୍ଦେଶନାମା ଭଳି ସମସ୍ତ ସିନେମା ହଲ୍, ସପିଙ୍ଗ ମଲ, ଜିମ୍, ସୁଇମିଂ ପୁଲ୍, ଆମୋଦ ପ୍ରମୋଦ ପାର୍କ, ଥିଏଟର, ବାର୍, ପ୍ରେକ୍ଷାଳୟ, ସମାଗମ ପ୍ରକୋଷ୍ଠ ଆଦି ବନ୍ଦ ରହିବ । ଏହା ଛଡ଼ା, ସମସ୍ତ ସାମାଜିକ, ରାଜନୈତିକ, କ୍ରୀଡ଼ା, ମନୋରଞ୍ଜନ, ପାଠ୍ୟ ସମ୍ବନ୍ଧୀୟ, ସାଂସ୍କୃତିକ, ଧାର୍ମିକ ସମାବେଶ ସମେତ ଯେକୌଣସି ଜନସମାଗମ କାର୍ଯ୍ୟକ୍ରମ ବନ୍ଦ ରହିବ । ସମସ୍ତ ସ୍କୁଲ୍, କଲେଜ୍ ଓ କୋଚିଙ୍ଗ ସେଣ୍ଟର୍ 31 ଜୁଲାଇ ପର୍ଯ୍ୟନ୍ତ ବନ୍ଦ ରହିବ । ସମସ୍ତ ଧାର୍ମିକ ପୂଜା ସ୍ଥଳୀ ବନ୍ଦ ରହିବ । କେବଳ ପୂଜକଙ୍କ ଦ୍ୱାରା ବିଧିକାର୍ଯ୍ୟ କରାଯାଇପାରେ । ସମସ୍ତ ହୋଟେଲ 30 ପ୍ରତିଶତ କ୍ଷମତାରେ ପରିଚାଳିତ ହେବ । କେବଳ ହୋଟେଲରେ ରହୁଥିବା ଅତିଥିମାନଙ୍କ ଲାଗି ରେଷ୍ଟୁରାଣ୍ଟ ସେବା ଚାଲୁ ରହିବ । ହୋଟେଲ ଓ ରେଷ୍ଟୁରାଣ୍ଟ ଗୁଡ଼ିକ ପୂର୍ବଭଳି ପାର୍ସଲ ଖାଦ୍ୟକୁ ହୋମ ଡେ଼ଲିଭରୀ ମାଧ୍ୟମରେ ଦେଇ ପାରିବେ ।

ଜିଲ୍ଲା ଭିତରେ ଏବଂ ରାଜ୍ୟ ମଧ୍ୟରେ ବସ ସହିତ ସବୁ ଗାଡ଼ି ଯଥା ଟାକ୍ସି, ଅଟୋରିକ୍ସା, କାର ଓ ଦୁଇ ଚକିଆ ଯାନ ଇତ୍ୟାଦି ଚଳାଚଳ କରିପାରିବ । ରାଜ୍ୟ ବାହାରେ ଓ ରାଜ୍ୟ ମଧ୍ୟରେ ସମସ୍ତ ମାଲ୍ ଏବଂ ଯାତ୍ରୀ ପରିବହନ କରୁଥିବା ଗାଡ଼ି ଗୁଡ଼ିକ (ଖାଲି ଗାଡ଼ି ମଧ୍ୟ) ବିନା ଅବରୋଧରେ ଚଳ ପ୍ରଚଳ କରିପାରିବେ । ଏଥିପାଇଁ କୌଣସି ଅନୁମତି, ସ୍ୱିକୃତି ଓ ଇ-ପାସ୍ ର ଆବଶ୍ୟକତା ନାହିଁ । ସମସ୍ତ ଯାନ ବାହାନ ଗୁଡ଼ିକ ଗାଡ଼ି ପଞ୍ଜିକରଣରେ ନିର୍ଦ୍ଧାରିତ କ୍ଷମତା ଅନୁଯାୟୀ ଯାତ୍ରୀ ପରିବହନ କରିପାରିବେ । ରାସ୍ତା ପାର୍ଶ୍ୱରେ ବିକ୍ରୟ କରୁଥିବା ଖାଦ୍ୟ ସାମଗ୍ରୀ ଦୋକାନ ବନ୍ଦ ରହିବ । ସମସ୍ତ ଶିକ୍ଷାନୁଷ୍ଠାନ, ତାଲିମ ଓ ପ୍ରଶିକ୍ଷଣ କେନ୍ଦ୍ର ଗୁଡ଼ିକ ଅନଲାଇନ୍



Scanned with CamS

ମାଧ୍ୟମରେ ଶିକ୍ଷା ଦେଇପାରିବେ । ସ୍ପୋର୍ଟସ କମ୍ପ୍ଲେକ୍ସ ଓ ଷ୍ଟାଡ଼ିୟମ୍ ଖୋଲା ରହିପାରିବ । କେବଳ ଖେଳାଳି ଓ କ୍ରୀଡ଼ାବିତଙ୍କ ବ୍ୟତୀତ ଦର୍ଶକଙ୍କ ବସିବାକୁ ବାରଣ କରାଯାଇଛି ।

ପ୍ରତ୍ୟେକ ଲୋକ ସେମାନଙ୍କ ମଧ୍ୟରେ ଅତି କମରେ 6 ଫୁଟ ସାମାଜିକ ଦୂରତା ବଜାୟ ରଖିବେ । ବ୍ୟବସାୟୀକ ପ୍ରତିଷ୍ଠାନରେ ସାମାଜିକ ଦୂରତାର ଉଲ୍ଲଘଂନ ପାଇଁ ପ୍ରତିଷ୍ଠାନର ମାଲିକ ଦାୟୀ ରହିବେ । ସମସ୍ତ ସେଲୁନ୍, ସ୍ପା ଓ ବିୟୁଟି ପାର୍ଲର ଗୁଡ଼ିକ ସମସ୍ତ ପ୍ରକାରର ସୁରକ୍ଷା ଓ ସତର୍କତା ଆବଲମ୍ବନ ସହିତ ପ୍ରତି ଗ୍ରାହାକଙ୍କ ସେବା ପରେ ଓ ପୂର୍ବରୁ ସମସ୍ତ ବ୍ୟବହୃତ ଉପକରଣ ଗୁଡ଼ିକୁ ଜିବାଣୁମୁକ୍ତ ଓ ବିଶୋଧନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସାତ (7) ଜଣରୁ ଅଧିକ ଲୋକ ଗୋଟିଏ ସ୍ଥାନରେ ଏକତ୍ରିତ ହେବା ଉପରେ କଟକଣା ଜାରି କରାଯାଇଛି । ପୂର୍ବ ନିୟମାବଳୀ ଅନୁଯାୟୀ, ବିବାହ କାର୍ଯ୍ୟରେ ସର୍ବାଧିକ 50 ଜଣ ଓ ଅନ୍ତ୍ୟେଷ୍ଟି କ୍ରିୟାରେ 20 ଜଣଙ୍କୁ ନେଇ କାର୍ଯ୍ୟବିଧି ସମ୍ପନ୍ନ କରାଯିବ । ଦୋକାନ, ବଜାର ଓ କୌଣସି ସର୍ବସାଧାରଣ ସ୍ଥାନରେ କେହି ଛେପ/ଥୁକ ପକାଇବା ଦଣ୍ଡନୀୟ ଅପରାଧ ଅଟେ । ସର୍ବସାଧାରଣ ସ୍ଥାନରେ ମଦ୍ୟ, ପାନ, ଗୁଟଖା ଓ ତମାଖୁ ସେବନ କରିବା ଦଣ୍ଡନୀୟ ଅଟେ ।

ଅନୁଗୋଳର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସଂଧ୍ୟା 7 ରୁ ସକାଳ 5 ପର୍ଯ୍ୟନ୍ତ 144 ଧାରା ଜାରି ରହିବା ସହ ରାତ୍ରୀ କାଳୀନ କର୍ଫ୍ୟୁ ବଳବତ୍ତର ରହିବ । ସେହିପରି ପ୍ରତ୍ୟେକ ଅସ୍ଥାୟୀ ମେଡ଼ିକାଲ୍ ଶିବିରର 100 ମିଟର ବ୍ୟାସାର୍ଦ୍ଧ ମଧ୍ୟରେ 144 ଧାରା (24 ଘଣ୍ଟିଆ କର୍ଫ୍ୟୁ) ବଳବତ୍ତର ରହିବ । କୋଭିଡ଼ ହସ୍ପିଟାଲ୍ ଓ କୋଭିଡ଼ କେୟାର ସେଣ୍ଟର ଚତୁଃପାର୍ଶ୍ୱରେ କଣ୍ଟେନମେଣ୍ଟ ଜୋନ୍ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ କଟକଣା ବଳବତ୍ତର ରହିବ । ସମସ୍ତ ବୃହତ ବ୍ୟବସାୟୀକ ପ୍ରତିଷ୍ଠାନ ଓ କାର୍ଯ୍ୟାଳୟର ପ୍ରବେଶ ଓ ପ୍ରସ୍ଥାନ ସ୍ଥାନରେ ଥର୍ମାଲ ସ୍କାନର, ହାଣ୍ଡୱାସ୍ ଓ ସାନିଟାଇଜର୍ ବ୍ୟବସ୍ଥା ବାଧ୍ୟତା ମୂଳକ ଅଟେ । ସମସ୍ତ କାର୍ଯ୍ୟସ୍ଥଳୀ, ସାଧାରଣ ସୁବିଧା ଥିବା ସ୍ଥାନ ଏବଂ ବ୍ୟକ୍ତି ସଂସ୍ପର୍ଶରେ ଆସୁଥିବା ଵିଭିନ୍ନ ଉପକରଣର ସାନିଟାଇଜେସନ୍ ବାଧ୍ୟତାମୂଳକ ଅଟେ ।

ରାଜ୍ୟ ସରକାର ଜୁନ୍ 30 ତାରିଖ ପର୍ଯ୍ୟନ୍ତ 11ଟି ଜିଲ୍ଲାରେ ପ୍ରତ୍ୟେକ ଶନିବାର ଓ ରବିବାରରେ ସମ୍ପୂର୍ଣ୍ଣ ବନ୍ଦ ଘୋଷଣା କରିଛନ୍ତି । ସେହି ଜିଲ୍ଲା ଗୁଡ଼ିକ ହେଲା ଗଞ୍ଜାମ, ପୁରୀ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତସିଂପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ବଲାଙ୍ଗୀର । ସପ୍ତାହର ଏହି ଦୁଇ ଦିନ ଉକ୍ତ ଜିଲ୍ଲା ଗୁଡ଼ିକରେ କେବଳ ମେଡ଼ିକାଲ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସେବାକୁ ଛାଡ଼ି ଅନ୍ୟ ସମସ୍ତ ଅଣ ଅତ୍ୟାବଶ୍ୟକୀୟ କାର୍ଯ୍ୟ ବନ୍ଦ ରହିବ ।

ଗ୍ରାମାଞ୍ଚଳକୁ ଫେରୁଥିବା ସମସ୍ତ ପ୍ରବାସୀ ମାନଙ୍କ ପାଇଁ ସାତ (7) ଦିନ ସରକାରୀ ସଂଙ୍ଗରୋଧ ପରେ ନିଜ ଘରେ ଆଉ ସାତ (7) ଦିନ ସଙ୍ଗରୋଧରେ ରହିବା ବାଧ୍ୟତା ମୂଳକ

ଅଟେ । କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ, ଆବଶ୍ୟକ ସ୍ଥଳେ ସଂପୃକ୍ତ ସ୍ଥାନୀୟ କ୍ଷମତାପ୍ରାପ୍ତ ଅଧିକାରୀ ଏହି ସଂଙ୍ଗରୋଧ ସମୟକୁ ବୃଦ୍ଧି କରିପାରିବେ । ସହରାଞ୍ଚଳରେ ପ୍ରବାସୀ ମାନେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶାବଳୀ ଅନୁଯାୟୀ 14 ଦିନ ନିଜ ଘରେ ସଙ୍ଗରୋଧରେ ରହିପାରିବେ । ଯଦି ନିଜ ଘରେ ନିୟମାନୁଯାୟୀ ସଙ୍ଗରୋଧ ବ୍ୟବସ୍ଥା ନଥିବ, ତେବେ ସଂପୃକ୍ତ ବ୍ୟକ୍ତି ସରକାରୀ କିମ୍ବା ନିଜ ଅର୍ଥରେ ସ୍ଥାନୀୟ କ୍ଷମାତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ସଂଙ୍ଗରୋଧରେ ରହିବେ ।

ରାଜ୍ୟ ବାହାରୁ ବଭିନ୍ନ କାର୍ଯ୍ୟରେ ଆସୁଥିବା କୌଣସି ବ୍ୟକ୍ତି 72 ଘଣ୍ଟା ମଧ୍ୟରେ ପ୍ରତ୍ୟାବର୍ତ୍ତନ କରୁଥିଲେ ତାଙ୍କପାଇଁ କୌଣସି ସଙ୍ଗରୋଧର ଆବଶ୍ୟକତା ନାହିଁ । ସେହିଭଳି କୌଣସି ବକ୍ତି ରାଜ୍ୟ ବାହାରକୁ ଯେକୌଣସି କାର୍ଯ୍ୟରେ ଯାଇ 72 ଘଣ୍ଟା ମଧ୍ୟରେ ପ୍ରତ୍ୟାବର୍ତ୍ତନ କଲେ ତାଙ୍କପାଇଁ ମଧ୍ୟ କୌଣସି ସଙ୍ଗରୋଧର ଆବଶ୍ୟକତା ନାହିଁ ।

65 ବର୍ଷରୁ ଉର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକ, ବହୁ ରୋଗରେ ପୀଡ଼ିତ ବ୍ୟକ୍ତି, ଗର୍ଭବତୀ ମହିଳା ଓ ଦଶ ବର୍ଷରୁ କମ୍ ବୟସର ଶିଶୁ ମାନେ ବାହାରକୁ ବାହାରିବା ପାଇଁ ବାରଣ କରାଯାଇଛି ।

ଆଣ୍ଡ୍ରଏଡ ମୋବାଇଲ ଥିବା ସମସ୍ତ ବ୍ୟକ୍ତିମାନେ ଆରୋଗ୍ୟ ସେତୁ ଆପ୍ଲିକେସନ୍ ଡାଉନଲୋଡ୍ କରି ଏହାର ବ୍ୟବହାର କରିବାକୁ ପରାମର୍ଶ ଦିଆ ଯାଇଛି । ଜିଲ୍ଲାରେ ଥିବା ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ମାନେ ଆରୋଗ୍ୟ ସେତୁ ଆପ୍ଲିକେସନ୍ ଡାଉନଲୋଡ୍ କରି ଏହାର ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଉଛି ।

ସମସ୍ତ ବ୍ୟବସାୟୀକ ପ୍ରତିଷ୍ଠାନ **ସକାଳ 7.00 ଘଣ୍ଟାରୁ ଅପରାହ୍ନ 5.00 ଘଣ୍ଟା** ପର୍ଯ୍ୟନ୍ତ ଖୋଲା ରହିବ । ବ୍ୟବସାୟୀକ ପ୍ରତିଷ୍ଠାନ ସମେତ ଅନ୍ୟାନ୍ୟ ସମସ୍ତ ଅନୁମୋଦିତ କାର୍ଯ୍ୟକ୍ରମ ମାନଙ୍କରେ ସାମାଜିକ ଦୂରତା ଅବଲମ୍ବନ ସହିତ ମାସ୍କ ପିନ୍ଧିବା ବାଧ୍ୟତା ମୂଳକ ଅଟେ, ଏଥିରେ ବ୍ୟତିକ୍ରମ ହେଲେ ସଂପୃକ୍ତ ବ୍ୟବସାୟୀକ ପ୍ରତିଷ୍ଠାନ/କାର୍ଯ୍ୟକ୍ରମକୁ ବନ୍ଦ କରିଦିଆଯିବ । ଉପରୋକ୍ତ ତାଲାବନ୍ଦ ନିୟମାବଳୀ ଓ ଜାତୀୟ ନିର୍ଦ୍ଦେଶନାମାର ଉଲ୍ଲଙ୍ଘନ ପରିଦୃଷ୍ଟ ହେଲେ ବିପର୍ଯ୍ୟୟ ପରିଚାଳନା ଆଇନ 2005 ଧାରା 51 ରୁ 60, ସଂକ୍ରାମକ ରୋଗ ଆଇନ୍, 1897 ଓ ଭାରତୀୟ ପିଙ୍ଗଳ କୋଡ୍ ଧାରା 188 ଅନୁସାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଜିଲ୍ଲାପାଳ, ଅନୁଗୋଳ